# NATIONAL NEWS BULLETIN (ODIA)

## 28 June - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍‌ଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିଳମ୍ବ ।
- ଓଡ଼ିଶାର ବାଲେଶ୍ୱର ସ୍ଥିତ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଅଭ୍ୟାସ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।
- ଆସନ୍ତା ୩୦ ତାରିଖରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୬୮ ରନ୍‌ରେ ପରାସ୍ତ କଲା ଭାରତ ।

# ନାସା

ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍‌ଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିଳମ୍ବ ଘଟିଛି । ପୂର୍ବରୁ ଷ୍ଟାର୍ ଲାଇନର୍ ପକ୍ଷରୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଥିଲା ତାହା ବାତିଲ ହେବା ପରେ ଏବେ ଆସନ୍ତା ଜୁଲାଇ ୬ରେ ସେମାନେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି । ପ୍ରାରମ୍ଭରେ ଏହି ଅଭିଯାନ। ୮ ଦିନ ପାଇଁ ଥିଲେ ମଧ୍ୟ ଏବେ ତାହା ଏକ ମାସ ହେବାକୁ ଯାଉଛି । କେତେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଦୁଇ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ନେଇ ନାସା ଏବଂ ବୋଇଙ୍ଗ୍‌କୁ ଦୋଷାରୋପ କରାଯାଇଛି । ଜୁନ୍ ୫ ତାରିଖରେ ମହାକାଶ ଯାତ୍ରା ପୂର୍ବରୁ ଷ୍ଟାର୍ ଲାଇନର୍ ମହାକାଶ ଯାନରେ  ହିଲିୟମ୍ ଲିକ୍ ଥିବା ଜଣାପଡ଼ିଥିଲେ ମଧ୍ୟ ସେମାନଙ୍କୁ ମହାକାଶକୁ ପଠାଯାଇଥିଲା । ଜୁନ୍ ୧୩ରେ ଏବଂ ପରେ ଜୁନ୍ ୨୬ରେ ଦୁଇ ମହାକାଶଚାରି ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ଲାଗି ତାରିଖ ସ୍ଥିର ହୋଇଥିଲେ ମଧ୍ୟ, ବାତିଲ କରାଯାଇଥିଲା । ଏବେ ନାସା ପକ୍ଷରୁ ପ୍ରତ୍ୟାବର୍ତ୍ତନର କୌଣସି ନୂଆ ତାରିଖ ଦିଆଯାଇ ନାହିଁ । ସମ୍ପୃକ୍ତ ମହାକାଶ ଯାନରେ ୫ଟି ହିଲିୟମ୍ ଲିକ୍ ହୋଇଥିବା ଜଣାପଡ଼ିଛି । ଏହାଛଡ଼ା ମହାକାଶ ଯାନର ୨୮ଟି ଥ୍ରଷ୍ଟର୍ ମଧ୍ୟରୁ ୫ଟିରେ ତ୍ରୁଟି ରହିଥିବା କୁହାଯାଇଛି । ସୂଚନା ଅନୁଯାୟୀ ୨୮ଟି ମଧ୍ୟରୁ ୧୪ଟି ଥ୍ରଷ୍ଟର୍ ସଠିକ୍ ଭାବେ କାମ କରୁଥିଲେ, ମହାକାଶ ଯାନକୁ ନିରାପଦ ଭାବରେ ଭୂପୃଷ୍ଠକୁ ଫେରାଇ ଆଣିହେବ ।

## ଅଭ୍ୟାସ ପରୀକ୍ଷଣ

ଓଡ଼ିଶାର ବାଲେଶ୍ୱରସ୍ଥିତ ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଇଣ୍ଟିଗ୍ରେଟେଡ୍ ଟେଷ୍ଟ୍ ରେଞ୍ଜ୍‌ରୁ ଗତକାଲି ରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ-ଡିଆର୍‌ଡିଓ ପକ୍ଷରୁ ହାଇସ୍ପିଡ୍ ଏକ୍ସପେଣ୍ଡେବଲ୍ ଏରିଏଲ୍ ଟାର୍ଗେଟ୍ 'ଅଭ୍ୟାସ' କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହୋଇଛି । ଏହା ସହ ଏହି କ୍ଷେପଣାସ୍ତ୍ରର ଦଶମ ଉନ୍ନତ ସଂସ୍କରଣର ପରୀକ୍ଷଣ ସଫଳ ହୋଇଛି । ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରର ସମସ୍ତ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରାଯାଇଥିଲା । ଏହି ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ, ଭାରତୀୟ ସେନା ଓ 'ଅଭ୍ୟାସ' କ୍ଷେପଣାସ୍ତ୍ରର ପ୍ରସ୍ତୁତି ଓ ପରୀକ୍ଷଣ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପରୀକ୍ଷଣ ଦ୍ୱାରା ଆକାଶମାର୍ଗ ରକ୍ଷା ଦିଗରେ ସେନାବାହିନୀର ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ୟୁଏନ୍-ହିନ୍ଦୀ

ଜାତିସଂଘରେ ହିନ୍ଦୀ ଭାଷାର ବହୁଳ ବ୍ୟବହାର ପାଇଁ ଭାରତ ପକ୍ଷରୁ ୧ ଦଶମିକ୍ ୧/୬ ମିଲିୟନ୍ ଡଲାର୍ ଅର୍ଥ ପ୍ରଦାନ କରାଯାଇଛି । ଭାରତର ସ୍ଥାୟି ମିଶନ୍‌ର ମୁଖ୍ୟ ଆର୍. ରବୀନ୍ଦ୍ର ଗତକାଲି ଜାତିସଂଘ ସମ୍ବାଦ ଓ

ଗଣମାଧ୍ୟମ ବିଭାଗ ନିର୍ଦ୍ଦେଶକ ୟାନ୍ ଫିଲିପ୍ସଙ୍କୁ ଏହି ଅର୍ଥରାଶିର ଚେକ୍ ପ୍ରଦାନ କରିଛନ୍ତି । ୨୦୧୮ ପରଠାରୁ ଜାତିସଂଘରେ ହିନ୍ଦୀ ଭାଷାର ବ୍ୟବହାର ଓ ପ୍ରଚାର ପାଇଁ ଭାରତ ଅର୍ଥରାଶି ପ୍ରଦାନ କରୁଛି । ବିଶେଷ କରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ରହୁଥିବା ହିନ୍ଦୀ ଭାଷାଭାଷୀ ଲୋକଙ୍କ ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଏହି ଅର୍ଥ ପ୍ରଦାନ କରାଯାଉଛି । ଏହି ମିଶନ୍‌ରେ ପ୍ରତ୍ୟେକ ସପ୍ତାହରେ ଥରେ ହିନ୍ଦୀ ଭାଷାରେ ବିଶ୍ୱ ସମସ୍ୟା ସମ୍ପର୍କିତ ସମ୍ବାଦ ପ୍ରସ୍ତୁତ କରାଯାଉଛି । ଏହାଛଡ଼ା ସାମାଜିକ ଗଣମାଧ୍ୟମ ଏକ୍ସ, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ବିଶ୍ୱ ସମସ୍ୟା ସମ୍ପର୍କିତ ସମ୍ବାଦ ଟ୍ୱିଟ୍ କରାଯାଉଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା

ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ବ୍ୟାଲେ ପୋଲ ନିର୍ମାଣ

ସିକ୍କିମ୍‌ର ତ୍ରିଶକ୍ତି କର୍ପସ୍‌ର ମିଲିଟାରୀ ଇଞ୍ଜିନିୟରମାନେ ସୀମା ସଡ଼କ ସଂଗଠନ ଏବଂ ସ୍ଥାନୀୟ ପ୍ରଶାସନର ଉଦ୍ୟମରେ ସାନକଲାଙ୍ଗ ରାସ୍ତାରେ ଏକ ବ୍ୟାଲେ ପୋଲ ନିର୍ମାଣ କରିଛନ୍ତି । ନିକଟରେ ବନ୍ୟା ଯୋଗୁଁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଏବଂ ଯୋଗାଯୋଗ ପୁନରୁଦ୍ଧାର କରିବା ପାଇଁ ଏହି ପୋଲ ନିର୍ମାଣ କରାଯାଇଛି । ଏହି ରାସ୍ତାରେ ଯାତାୟତ ଦୃଷ୍ଟିକୋଣରୁ ଏହି ପୋଲ ଅତ୍ୟନ୍ତ

ଗୁରୁତ୍ୱପୂର୍ଣ୍ଣ । କିଛିଦିନ ପୂର୍ବରୁ ବନ୍ୟା ଯୋଗୁଁ ଉତ୍ତର ସିକ୍କିମ୍‌ର ଅନେକ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ।

## କ୍ରିକେଟ୍

ଭାରତ ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲ୍‌ରେ ୬୮ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଗତକାଲି ଗୋଆନାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୭ ୱିକେଟ୍ ବିନିମୟରେ ୧୭୧ରନ୍ କରିଥିଲା । ରୋହିତ ଶର୍ମା ୩୯ଟି ବଲ୍‌ରେ ୫୭ରନ୍ କରିଥିବା ବେଳେ ସୂର୍ଯ୍ୟ କୁମାର ଯାଦବ ୩୬ଟି ବଲ୍‌ରେ ୪୭ ଏବଂ ହାର୍ଦ୍ଦିକ ପାଣ୍ଡିଆ ୧୩ଟି ବଲ୍‌ରେ ୨୩ରନ୍ ସ୍କୋର କରିଥିଲେ । ଏହାର ଜବାବରେ ଇଂଲଣ୍ଡ ୧୬ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୩ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଉଭୟ କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ୍ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଯଶପ୍ରିତ ବୁମରା ୨ଟି ୱିକେଟ୍ ହାସଲ କରିଥିଲା । ଅକ୍ଷର ପଟେଲଙ୍କୁ ପ୍ଲେଆର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆସନ୍ତାକାଲି ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

## ସିବିଆଇ-ନିଟ୍

ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ. ଆଜି ଦୁଇଜଣଙ୍କୁ ଗିରଫ୍ କରିଛି । ସେମାନଙ୍କୁ ପାଟନାରୁ ଗିରଫ୍ କରାଯାଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ନେବା ପରେ ସି.ବି.ଆଇ. ବିହାର ପୁଲିସ୍‌ର ଅର୍ଥନୈତିକ ଅପରାଧ ୟୁନିଟ୍‌ର କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଛି ବୋଲି ସି.ବି.ଆଇ. ସୂତ୍ରରୁ ଜଣାପଡ଼ିଛି ।

## କେନିଆ ପ୍ରୋଟେଷ୍ଟ

କେନିଆର ରାଷ୍ଟ୍ରପତି ୱିଲିୟମ ରୁଟୋ କହିଛନ୍ତି ପ୍ରସ୍ତାବିତ ଅର୍ଥ ବିଲ୍ ପ୍ରତ୍ୟାହାର କରାଯିବ । ସଂସଦରେ ପାରିତ ଏହି ବିଲ୍‌କୁ ନେଇ ଦେଶରେ ବ୍ୟାପକ ଆନ୍ଦୋଳନ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ରୁଟୋ ଏହି ବିଲ୍‌ରେ ଦସ୍ତଖତ କରିବାକୁ ମନା କରିଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହାକୁ ସଂଶୋଧନ ପାଇଁ ସଂସଦକୁ ଫେରାଇ

ଦିଆଯାଇଛି । ଶ୍ରୀ ରୁଟୋ କହିଛନ୍ତି ଏହି ଅର୍ଥ ବିଲ୍‌କୁ ନେଇ ଗତ ସପ୍ତାହରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଆରମ୍ଭ ହୋଇଥିଲେ ମଧ୍ୟ ପରେ ଏହାକୁ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିଛି ।

ସେଠାକାର ସୁରକ୍ଷା ସଂସ୍ଥାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ୨୨ଜଣଙ୍କର ମୃତ୍ୟୁ ହୋଇଛି । ପ୍ରସ୍ତାବିତ ଅର୍ଥ ବିଲ୍‌ରେ ଟିକସ ବୃଦ୍ଧି ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଛି ।

## କିରଣ ପହଲ

ଭାରତୀୟ କ୍ରୀଡ଼ାବିତ୍ କିରନ ପହଲ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ମହିଳା ୪୦୦ ମିଟର ଇଭେଣ୍ଟ ପର୍ଯ୍ୟାୟରେ ଯୋଗ୍ୟତା ଅର୍ଜନ କରିଛନ୍ତି । ହରିଆନାର ୨୪ ବର୍ଷୀୟ କିରନ୍ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ରେ ଗତକାଲି ୫୦ ଦଶମିକ୍ ୯/୨ ସେକେଣ୍ଡରେ ଏହି ଦୂରତା ଅତିକ୍ରମ କରି ଯୋଗ୍ୟତା ଅର୍ଜନ କରିଛନ୍ତି । ଅଲିମ୍ପିକ୍ସରେ ଯୋଗ୍ୟତା ଅର୍ଜନ ଲାଗି ୫୦ ଦଶମିକ୍ ୯/୫ ସେକେଣ୍ଡ ସ୍ଥିର କରାଯାଇଛି । ହିମା ଦାସଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ କିରଣ ପହଲ ୪୦୦ ମିଟର ମହିଳା ଦୌଡ଼ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ଜାକର୍ତ୍ତାଠାରେ ଅନୁଷ୍ଠିତ ୨୦୧୮ ଏସିଆନ୍ ଗେମ୍ସରେ ସେ ୫୦ ଦଶମିକ୍

୭/୯ ସେକେଣ୍ଡରେ ୪୦୦ ମିଟର ଅତିକ୍ରମ କରିଥିଲେ । ଆଜି ପଞ୍ଚକୁଲା ଠାରେ ମହିଳା ୪୦୦ ମିଟର ପର୍ଯ୍ୟାୟର ଫାଇନାଲ୍ ଅନୁଷ୍ଠିତ ହେବ ।